Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R Mohanty
Nodal Officer

**ସପ୍ତାହ –୪୯**

ନ.- ୨୦୮୧ (ଓଡିଆ ବୁଲେଟିନ)
ତାରିଖ-୦୮.୧୨.୨୦୨୩

**(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପ ବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)**

## ବିଶେଷ ସୂଚନା

- ବର୍ତ୍ତମାନ କମ ତାପମାତ୍ରା ରହୁଥିବାରୁ ରବି ଫସଲରେ ଶୋଷକ କୀଟ, ପତ୍ର ପୋଡା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନ ରହିଛି । ଏହାର ନିରାକରଣ ବ୍ୟବସ୍ଥା କରନ୍ତୁ ।
- ଅମଳ ପରେ ଧାନକୁ ଭଲଭାବେ ଖରାରେ ୩ ରୁ ୪ ଦିନ ଶୁଖାଇ ସାଇତି ରଖନ୍ତୁ । ବିହନ ପାଇଁ ୧୨ଆଦ୍ରତା ଓ ଖାଇବା % ୧୪ ଉପୋଯୋଗୀ ପାଇଁ% ଆଦ୍ରତା ରହିବା ଆବଶ୍ୟକ ।
- ସକାଳ ଓ ସନ୍ଧ୍ୟା ସମୟରେ ରେ ଶୀତ ଦିନିଆ ପନିପରିବା ରେ ଜଳ ସେଚନ କରନ୍ତୁ ।
- ରବି ପନିପରିବା ରେ ଘାସ ବାଛି କୋଡା ଖୋସା କରନ୍ତୁ ।
- ଡାଲୁଅ ଧାନ କରିବା ପାଇଁ ଅଧିକ ଅମଳକ୍ଷମ ଧାନ କିସମ ଯଥା ସି.ଆର.ଧାନ ୬୦୧, ଆଇ.ଆର. ୬୪, ଚନ୍ଦନ, ଲଲାଟ, ଉନ୍ନତ ଲଲାଟ, ନବୀନ, ସି.ଆର.ଧାନ ୩୧୧, ସି.ଆର.ଧାନ ୩୧୦, ଖଣ୍ଡଗିରୀ, ବୀଣା-୧୧, ସି.ଆର.ଧାନ ୨୦୫, ସି.ଆର.ଧାନ ୨୦୬, ଏମ.ଟି.ୟୁ ୧୦୧୦ ଇତ୍ୟାଦି ବ୍ୟବହାର କରନ୍ତୁ । କାଦୁଅ ବୁଣା ଧାନ ପାଇଁ ନବୀନ, ଶତାବ୍ଦୀ, ଉନ୍ନତ ଲଲାଟ, ସି.ଆର.ଧାନ ୨୦୩ ଇତ୍ୟାଦି ବ୍ୟବହାର କରନ୍ତୁ ।
- ଶୀତ ଦିନିଆ ପନିପରିବା ଲଗାଇବା କାର୍ଯ୍ୟ ସମାପ୍ତ କରନ୍ତୁ ।
- ବର୍ତ୍ତମାନ ତାପମାତ୍ରା କମ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ, ତଳିଘେରା ରେ ପୋଲିଥିନ ଦ୍ଵାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ ।
- କୋବି ଜାତୀୟ ଫସଲ ରେ ୭-୮ ଦିନ ବ୍ୟବଧାନ ରେ ଜଳସେଚନ କରନ୍ତୁ।
- ଆଖୁ ଫସଲ କୁ ଜମି ପତନ ଠାରୁ ଏକ ଇଞ୍ଚ ତଳକୁ, ଯେପରକି ମାଟି ଉପରକୁ ଖୁଣ୍ଟା ଦେଖାଯିବ ନାହିଁ ,ସେହିପରି କାଟିଲେ ମୂଳି ଆଖୁ ଭଲ ଗଜା ହୁଏ, ଗଛ ସଂଖ୍ୟା ଠିକ ରହେ ଓ ଅମଳ ଠିକ ମିଳେ ।
- ଶୀତ ଋତୁ ରେ ଅଧିକ ଥଣ୍ଡା ସମୟ ରେ ଗାଈ ଗୁହାଳ ରେ ପୋଲିଥିନ କିମ୍ବା ଅଖା ଦ୍ଵାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ ।

### ଧାନ:

ମୂଷା-

ଧାନ ଅମଳ ସମୟରେ ମୂଷା କ୍ଷତି ଘଟାଇ ଥାଏ । ମୂଷା କୁ ନିୟନ୍ତ୍ରଣ କରିବା ପାଇଁ ମୂଷା ଗାତ କୁ ଚିହ୍ନଟ କରି ତା ଉପରେ କାଦୁଅ ଲିପି ଗାତ ବନ୍ଦ କରି ଦିଅନ୍ତୁ । ତାପର ଦିନ ଯେଉଁ ଗାତ ମୁହଁ ଖୋଲାଥିବ ସେ ଗାତରେ ଆଲୁମିନିୟମ ଫସଫାଇଡ ୬% ବଟିକା ( ଗୋଟେ ବଟିକା ୧୨ ଗ୍ରାମ ) କନା ରେ ବାନ୍ଧି ଗାତ ପିଛା ଗୋଟିଏ ରଖି ଗାତ ମୁହଁ କୁ କାଦୁଅ ରେ ବନ୍ଦ କରି ଦିଅନ୍ତୁ ।

ସାଇତା କୀଟ-

ଧାନ ସାଇତି ରଖିଥିବା ବସ୍ତା କିମ୍ବା କୋଠୋରୀରେ ପୋକ ଦେଖା ଦେଲେ ଆଲୁମିନିୟମ ଫସଫାଇଡ ଟାବଲେଟ ଏକ ଟନ ଧାନ ପିଛା ୩ ଟି (ସମୁଦାୟ ୯ ଗ୍ରାମ ଟାବଲେଟ ) କନା ରେ ଗୁଡାଇ ରଖନ୍ତୁ ।ଏହା ପରେ ଭଲ ଭାବରେ ତରପୋଲୀନ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କ ଜାଗା ନ ରୁହେ । ଯଦି କୋଠୋରୀ ର ସନ୍ଧି ଜାଗା କିମ୍ବା କବାଟ ଫାଙ୍କ ଜାଗା ଥାଏ ତେବେ କାଦୁଅ କିମ୍ବା ସେଲୋଟେପ ଦେଇ ଭଲ ଭାବରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ଏହିପରି ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠୋରୀ ବସ୍ତା ମୁହଁ ଭଲ ଭାବରେ ବନ୍ଦ ରଖନ୍ତୁ ।

**ମୁଗ ଓ ବିରି :**

ପାଉଁଶିଆ ରୋଗ

ମୁଗ ଓ  ବିରି ଫସଲ ରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଏହି ରୋଗ ର ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି **Sulphur 80% WP** @ ୮୦୦ ଗ୍ରାମ କିମ୍ବା **Hexaconazole ୫% E.C** @ ୩୦୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଚିନାବାଦାମ:**

ପତ୍ର ସୁଡଙ୍ଗୀ ପୋକ

ଚିନାବାଦାମ ଫସଲ ରେ ପତ୍ର ସୁଡଙ୍ଗୀ ପୋକ ଲାଗିବାର ସମ୍ଭାବନା ଅଛି ।ଏହି ରୋଗ ର ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି Profenophos ୫୦% EC @ ୪୦୦ ମିଲି କିମ୍ବା Chlorpyriphos ୫୦% + Cypermethrin ୫ % E.C @ ୪୦୦ ମିଲି, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଟମାଟୋ:**

ପତ୍ର ପୋଡା ରୋଗ

ବର୍ତମାନ କମ ତାପମାତ୍ରା ଓ କୁହୁଡିଆ ପାଗ ରହୁଥିବାରୁ ଟମାଟୋ ରେ ପତ୍ର ପୋଡା ଲାଗିବାର ସମ୍ଭାବନା ଅଛି ।ଏହି ରୋଗ ର ନିୟନ୍ତ୍ରଣ କରିବା ପାଇଁ **Metalaxyl + Mancozeb** ୪୦୦ ଗ୍ରାମ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ବିହନ ବିଶୋଧନ କରିବା ସମୟରେ ୩ ଗ୍ରାମ **Trichoderma** ୧ କେଜି ଟମାଟୋ ମଞ୍ଜି ରେ ଗୋଳାଇ ବିଶୋଧନ କରନ୍ତୁ ।

**ପିଆଜ:**

ଘେରାକଟା ରୋଗ

ତଳି ପଟାଳିରେ ଘେରାକଟା ରୋଗ ନ ହେବା ପାଇଁ, ବିହନ ଲଗେଇବା ପୂର୍ବରୁ ଏକ କିଲୋଗ୍ରାମ ବିହନରେ ୨ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ, ବିହନରେ ଗୋଳାଇ ବିଶୋଧନ କରନ୍ତୁ । ପିଆଜ ତଳି ୮ ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାଯାଏ।

**ବାଇଗଣ :**

ପତ୍ର ଖିଆ ଓ ଫଳ ବିନ୍ଧା ପୋକ

ବାଇଗଣ ରେ ପତ୍ର ଖିଆ ଓ ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି Emamectin benzoate @ ୮୦ ଗ୍ରାମ କିମ୍ବା Spinosad @ ୮୦ ମିଲି , ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଲଙ୍କାମରିଚ:**

ଜଉ ପୋକ ଓ  ପତ୍ର ଉକୁଣି ପୋକ

ଲଙ୍କାମରିଚ ଫସଲ ରେ ବର୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ  ପତ୍ର ଉକୁଣି ପୋକ ଲାଗିବାର ସମ୍ଭାବନା ରହିଛି। ପ୍ରାଥମିକ ଅବସ୍ଥା ରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ଉପାୟରେ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ଓ Fenpyroximate ର ମିଳିତ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ।

**ମତ୍ସ୍ୟ ସମ୍ପଦ:**

ଶୀତ ଋତୁ ରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ । ଏହି ରୋଗମାନଙ୍କର ନିରାକରଣ ପାଇଁ ଏକ ଏକର ପୋଖରୀ ପ୍ରତି **CIFAX** @ ୪୦୦ ମିଲି ୪୦ ଲିଟର ପାଣି ରେ ମିଶାଇ ବିଶୋଧନ କରନ୍ତୁ  ।  ପ୍ରତି ଦିନ ମାଛ ମାନଙ୍କୁ ତେଲ ପିଡିଆ ଖାଇବାକୁ ଦିଅନ୍ତୁ ।

**ପଶୁ ସମ୍ପଦ:**

ଗୁହାଳ ଘର ଏବଂ ଏହାର ଚଟାଣ କୁ ଅଧିକ ସମୟ ପର୍ଯ୍ୟନ୍ତ ଓଦା ଓ ଥଣ୍ଡା ରଖନ୍ତୁ ନାହିଁ । ଅଧିକ ସମୟ ପର୍ଯ୍ୟନ୍ତ ଓଦା ଓ ଥଣ୍ଡା ରହିଲେ ଗାଈଗୋରୁ ମାନଙ୍କୁ ବିଶେଷ କରି ବାଛୁରି କୁ ନିମୋନିଆ, ଜ୍ୱର ଓ ହଇଜା ଇତ୍ୟାଦି ରୋଗ ହେବା ର ସମ୍ଭାବନା ଅଛି ।  ଶୀତ ଋତୁ ରେ

ଗୁହାଳ ଘରେ ଉତ୍ତମ ରୂପେ ବାୟୁ ଚଳପ୍ରଚଳ କରୁଥିବା ଦରକାର ।

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧ୍ୟକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା, QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଆଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

**ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତ୍ତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।**

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)